

ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ବିଶ୍ୱାସ କରିବେ ନାହିଁ।
- ଆରିଷ୍ଟଟଲ୍

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପକ୍ଷରୁ ଶାନ୍ତିସଭା ଓ ବିକ୍ଷୋଭ, ରେଳ ସଦନ, ପୂର୍ବାହ୍ନ ୧୦ଟା ୩୦।
- ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ଭଗବତୀ ଭବନ ପରିସର, ସନ୍ଧ୍ୟା ୬ଟା।
- ଜାତୀୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା, ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**
- ଶ୍ରୀନିକୁଞ୍ଜବିହାରୀ ଦେବଙ୍କ ସ୍ଥାପନାର ଶତବାର୍ଷିକୀ ପାଳନ, ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର, ସକାଳ ୮ଟା।

**ପୁରୀ**
- କଳାକାରଙ୍କ ଦ୍ୱାରା ବେଳାଭୂମି ସଫେଇ, ଦିଗବାରେଣୀ, ସକାଳ ୮ଟା।
- ୧୭ତମ ଲୋକ କଳା ଓ ୧୦ତମ କୃଷି ମେଳା, ମୁକ୍ତାକାଶ ରଙ୍ଗମଞ୍ଚ, ଶରଧାବାଲି, ସନ୍ଧ୍ୟା ୬ଟା।

**ବ୍ରହ୍ମଗିରି**
- ମା' କାଳିକାଦେବୀ ସାଂସ୍କୃତିକ ସେବା ସଂଘ ତରଫରୁ ନାଟକ ପରିବେଷଣ, କାଳିକା ଦେବୀ ସାହି, ରାତି ୧୦ଟା।

# ବିପଦରେ ଶ୍ରୀମନ୍ଦିର ଗର୍ଭଗୃହ

**ପୁରୀ ଅଫିସ,୨୨।୧୦**



■ କାନ୍ଥରେ ଜମିଛି କଳା ଆସ୍ତରଣ, ଲାଗିଛି ଫିମ୍ପି
■ ଭିତରକାଠରେ ଏସି ବଢ଼ାଉଛି ସମସ୍ୟା

ଶ୍ରୀମନ୍ଦିର ଗର୍ଭଗୃହର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉନାହିଁ। ଫଳରେ ବିପଦରେ ରହିଛି ଗର୍ଭଗୃହ। ଏହାର କାନ୍ଥରେ ଫିମ୍ପି ଲାଗିଥିବାବେଳେ ଧଳାଛାପର ଚିହ୍ନ ମାଡ଼ିଗଲାଣି। ଏପରି କି ବର୍ଷତମାମ୍ ଦୀପ ଜଳିବା ଦ୍ୱାରା କାନ୍ଥ କଳା ପଡ଼ିଛି। ପୁଣି ଗର୍ଭଗୃହର ପାଣି ଠିକ୍ ଭାବେ ନିଷ୍କାସନ ହୋଇପାରୁ ନ ଥିବାବେଳେ ଏସି ଯୋଗୁ ମଧ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ପୂର୍ତ୍ତ ବିଭାଗ ମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟଙ୍କୁ ମଙ୍ଗଳବାର ଚିଠି ଲେଖି ଅବଗତ କରାଇଛି। ଗତ ଜୁଲାଇ ୬ତାରିଖରେ ଶ୍ରୀମନ୍ଦିର ପ୍ରଶାସନ, ପୂର୍ତ୍ତ ବିଭାଗ, ଏଏସ୍ଆଇ ଏବଂ ଶ୍ରୀମନ୍ଦିର ବୈଷୟିକ କମିଟି ସଦସ୍ୟମାନେ ମିଳିତ ଭାବେ ଗର୍ଭଗୃହର ତଳ ଓ ପ୍ରଥମ ମହଲା, ଜଗମୋହନ, ବେହେରଣ ଦ୍ୱାର, ନାଟମଣ୍ଡପ ସ୍ଥିତି ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଏଭଳି କିଛି ତଥ୍ୟ ସାମ୍ନାକୁ ଆସିଥିବା ଜଣାପଡ଼ିଛି। ଯାଞ୍ଚ ସରିବା ପରେ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ଗର୍ଭଗୃହ ଯାଞ୍ଚ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ବୈଠକର ନିର୍ଯାସକୁ ଆଧାର କରି ବିଭାଗ ଏଏସ୍ଆଇକୁ ଚିଠି ଲେଖିଛି।

ଉକ୍ତ ଚିଠିରେ ଦର୍ଶାଯାଇଛି, ଗର୍ଭଗୃହ ଚଟାଣର ଗୋଟିଏ ମିଟର ଉଚ୍ଚ ପର୍ଯ୍ୟନ୍ତ କାନ୍ଥରେ ଧଳାଛାପ ମାଡ଼ିଗଲାଣି। ଏପରି କି ରତ୍ନସିଂହାସନ ପଛ କାନ୍ଥରେ ଫିମ୍ପି ଲାଗିଯାଇଛି। ଭିତର କାନ୍ଥ ବି ଓଦାଳିଆ ରହୁଛି। ଗର୍ଭଗୃହ ନଳାରେ ଜଳ ନିଷ୍କାସନ ଠିକ୍ ଭାବେ ହୋଇ ପାରୁନାହିଁ। ବର୍ଷକୁ ମାତ୍ର ଥରେ ନଳା ସଫା କରାଯାଉଥିବା ବେଳେ ବର୍ଷତମାମ୍ ପାଣି ଜମି ରହୁଛି। ଅନ୍ୟପକ୍ଷରେ ପୂଜା ବିଧି ପାଇଁ ବର୍ଷଯାକ ଗର୍ଭଗୃହରେ ଦୀପ ଜଳା ଯାଉଥିବାରୁ ତଳ ମହଲା କାନ୍ଥ, କନକମୁଣ୍ଡି କାଠ ଫ୍ରେମ୍ (ସିଂହାସନ ଉପର ଭାଗ)ରେ କଳା ଆସ୍ତରଣ ଜମିଥିବା ଯାଞ୍ଚ ବେଳେ ଜଣାପଡ଼ିଥିଲା। ବାତ୍ୟା ଫନୀ ସମୟରେ ମଧ ଗର୍ଭଗୃହରେ ପାଣି ଲିକ୍ କରିଥିବା ସେବାୟତ ଏବଂ ଯାଞ୍ଚ କମିଟି ସଦସ୍ୟଙ୍କ ନଜରକୁ ଆସିଥିଲା। ଭିତରକାଠରେ ଲାଗିଥିବା ଏସି ମଧ ସମସ୍ୟା ବଢ଼ାଉଛି। ଶ୍ରୀମନ୍ଦିରରେ ଏସି ବ୍ୟବହାରକୁ ଏଏସ୍ଆଇ ବାରଣ କରିଥିବାବେଳେ ଗର୍ଭଗୃହରେ ପାଣି ନିଷ୍କାସନ ଉପରେ ଗୁରୁତ୍ୱ ଦେଇଛି। ଏଏସ୍ଆଇର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଅରୁଣ କୁମାର ମଲ୍ଲିକ କହିଛନ୍ତି, କାନ୍ଥରେ ଯେଉଁ ଆର୍ଦ୍ରତା ରହୁଛି ତାହାର ଗୋଟିଏ କାରଣ ଏସି ହୋଇଥାଇପାରେ। ଗର୍ଭଗୃହରୁ ପାଣି ଠିକ୍ ଭାବେ ନିଷ୍କାସନ ହୋଇପାରୁ ନ ଥିବାରୁ କାନ୍ଥ ଓଦାଳିଆ ରହୁଥାଇପାରେ। ଶ୍ରୀମନ୍ଦିରର ନିର୍ମାଣଶୈଳୀ ପାଇଁ ଏସି ଠିକ୍ ନୁହେଁ ବୋଲି ମଲ୍ଲିକ କହିଛନ୍ତି। ସୂଚନାଥାଉ କି, ପ୍ରତିବର୍ଷ ରଥଯାତ୍ରା ସମୟରେ ଶ୍ରୀମନ୍ଦିର ଯାଞ୍ଚ କରାଯାଇଥାଏ। ଏଥର ପୂର୍ତ୍ତ ବିଭାଗ ଏଏସ୍ଆଇକୁ ଯେଉଁ ଅବଗତ କରାଇଛି ତାହା ଉପରେ କି ପଦକ୍ଷେପ ନିଆଯାଉଛି ତାକୁ ହିଁ ଅପେକ୍ଷା।

## ୨୫ରେ 'ମାଲ ମହୁ ଜୀବନ ମାଟି'ର ଟ୍ରେଲର ରିଲିଜ୍



**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)**

### ଦର୍ଶକଙ୍କ ପାଇଁ ସ୍ୱତନ୍ତ୍ର ଟି-ଶାର୍ଟ

ଓଡ଼ିଆ ଚଳଚ୍ଚିତ୍ର 'ମାଲ ମହୁ ଜୀବନ ମାଟି' ନଭେମ୍ବର ୮ରେ ସାରା ଓଡ଼ିଶାରେ ମୁକ୍ତିଲାଭ କରିବ। ଦୂରଦର୍ଶନରେ ପ୍ରସାରିତ ଲୋକପ୍ରିୟ ଧାରାବାହିକ 'ତୋଷ ନୋହିଲା ମୋର ଚିତ୍ତ'ର ପ୍ରସିଦ୍ଧ ବରା ଦୋକାନୀ ବିଷ୍ଣୁ ସାହୁ ଚରିତ୍ର ଉପରେ ଫିଲ୍ମଟି ଆଧାରିତ। 'ଆମର ମ୍ୟୁଜିକ୍' ନିବେଦିତ ଓ ନବୀନ ଭଣ୍ଡାରି ପ୍ରଯୋଜିତ ଏହି ଫିଲ୍ମରେ ବିଷ୍ଣୁ ସାହୁ ଚରିତ୍ରରେ ଅଭିନୟ କରିଛନ୍ତି ପ୍ରଦ୍ୟୁମ୍ନ ଲେଙ୍କା। ଫିଲ୍ମର ନାୟିକା ଏଲିନା ସାମନ୍ତରାୟ ହୋଇଥିବାବେଳେ ବିଷ୍ଣୁ ସାହୁଙ୍କ ପୁଅ ତଥା ନାୟକ ଭାବେ ସବ୍ୟସାଚି ମିଶ୍ରଙ୍କୁ ଦେଖିବାକୁ ମିଳିବ। ସବୁଠାରୁ ବଡ଼ କଥା ହେଲା ଚଳଚ୍ଚିତ୍ରରେ ଏକାଧିକ ଭିନ୍ନକ୍ଷମ ଏଥିପାଇଁ ରିଲିଜ୍ ପୂର୍ବରୁ ଅଭିନବ ଶୈଳୀରେ ଫିଲ୍ମ ପ୍ରମୋଶନ ଆରମ୍ଭ ହୋଇଯାଇଛି। ଆମର ଷ୍ଟୁଡିଓ ଫାଷ୍ଟଟେକ୍ ଫ୍ୟାଶନ୍ ଡଟ୍ କମ୍ ସହିତ ସହବନ୍ଧିତ ହୋଇ ଚଳଚ୍ଚିତ୍ର ପ୍ରିମିୟର୍‌ରେ ସାମିଲ ହେବାକୁ ଦର୍ଶକଙ୍କ ପାଇଁ ୱେବ୍‌ସାଇଟ୍‌ରେ ସ୍ୱତନ୍ତ୍ର ଟି-ଶାର୍ଟ ଉପଲବ୍ଧ କରାଯାଇଛି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଆସନ୍ତା ୨୫ରେ ୟୁଟ୍ୟୁବ୍‌ରେ 'ମାଲ ମହୁ ଜୀବନ ମାଟି'ର ଟ୍ରେଲର୍ ରିଲିଜ୍ ହେବ।

### ଶ୍ରୀମନ୍ଦିର ସଂସ୍କାର ମାମଲା

## ପକ୍ଷ ରଖିଲା ଦଇତାପତି ନିଯୋଗ

**ପୁରୀ ଅଫିସ,୨୨।୧୦**

ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟରେ ପକ୍ଷ ରଖିଛି ଦଇତାପତି ନିଯୋଗ। ଶ୍ରୀମନ୍ଦିରରେ ସେବକ ସଂଖ୍ୟା ହ୍ରାସ ନେଇ ପୂର୍ବରୁ ସତ୍ୟପାଠ ଦାଖଲ ହୋଇଥିଲା। ତେଣୁ ଦଇତାପତି ନିଯୋଗ ପକ୍ଷରୁ ଏ ସଂକ୍ରାନ୍ତରେ ପକ୍ଷ ରଖାଯାଇଛି। ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, ଦଇତାପତି ସେବା ହେଉଛି ଗୋଷ୍ଠୀଗତ ସେବା। ଏହି ସେବାର କୌଣସି ବିକଳ୍ପ ନାହିଁ। ଏମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ସେବକ। ଏମାନଙ୍କ ସଂଖ୍ୟା ହ୍ରାସ କରାଯାଇପାରିବ ନାହିଁ। ସ୍କନ୍ଦ ପୁରାଣରେ ବିଦ୍ୟାପତି ଓ ବିଶ୍ୱାବସୁଙ୍କ ବିଷୟରେ ଯାହା ଉଲ୍ଲେଖ କରାଯାଇଛି ତାହାକୁ ଇଂଲିଶରେ ଅନୁବାଦ କରାଯାଇ କୋର୍ଟଙ୍କ ନିକଟରେ ଦାଖଲ କରାଯାଇଛି ବୋଲି ଦାସମହାପାତ୍ର କହିଛନ୍ତି।

### ଅଁଳାନବମୀ ପ୍ରଥମ ସମନ୍ୱୟ ବୈଠକ

## ରାଧାପାଦ ଛୁଁଇବେ ନାହିଁ ଶ୍ରଦ୍ଧାଳୁ

**ସାକ୍ଷୀଗୋପାଳ, ୨୨।୧୦(ଡି.ଏନ୍.ଏ.)**

ପୁରୀ ଜିଲା ସତ୍ୟବାଦୀ ବ୍ଲକ ସାକ୍ଷୀଗୋପାଳ ମନ୍ଦିରରେ ଅଁଳାନବମୀ ଚଳିତ ବର୍ଷ ନଭେମ୍ବର ୫ରେ ଅନୁଷ୍ଠିତ ହେବ। ଏନେଇ ପ୍ରଥମ ସମନ୍ୱୟ ବୈଠକ ସାକ୍ଷୀଗୋପାଳ ପାନ୍ଥଶାଳାରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବବର୍ଷ ଭଳି ଚଳିତ ବର୍ଷ ଭକ୍ତମାନେ ରାଧାପାଦ ନ ଛୁଇଁବାନେଇ ନିଷ୍ପତ୍ତି ହୋଇଥିଲା। ସେବାୟତ ପ୍ରତିନିଧିମାନଙ୍କୁ ମନ୍ଦିର ଟ୍ରଷ୍ଟବୋର୍ଡରେ ସାମିଲ କରାଯାଇ ନ ଥିବାରୁ ସେବାୟତ ସଂଘ ବୈଠକ ବର୍ଜନ କରିଥିବା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର ସୂଚନା ଦେଇଥିଲେ। ସହକାରୀ ଦେବୋତ୍ତର କମିଶନର ଆଶିଷ କୁମାର ପଟ୍ଟନାୟକ କହିଛନ୍ତି ଯେ, ପୂର୍ବ ଟ୍ରଷ୍ଟବୋର୍ଡ କାର୍ଯ୍ୟକାଳ ପୂରିଯାଇଥିବାରୁ ଯାତ୍ରା ପରିଚାଳନା ପାଇଁ ସରକାରୀ ଅଧିକାରୀମାନଙ୍କୁ ନେଇ ଏକ ଅସ୍ଥାୟୀ ବୋର୍ଡ ଗଠନ କରାଯାଇଛି। ସ୍ଥାୟୀ ବୋର୍ଡ ଗଠନ ସମୟରେ ସେବାୟତ ପ୍ରତିନିଧିଙ୍କୁ ସାମିଲ କରାଯିବ ବୋଲି ସେ କହିଥିଲେ। ତେବେ ଦ୍ୱିତୀୟ ସମନ୍ୱୟ ବୈଠକ ପୂର୍ବରୁ ସେବାୟତ ସଂଘ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା ମାଧ୍ୟମରେ ସେମାନଙ୍କର ସମସ୍ୟା ସମାଧାନ କରିବାକୁ ପୁରୀ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ସାହୁ ନିର୍ଦ୍ଦେଶ ଦେଇଥିଲେ।

## ହଷ୍ଟେଲ ବାଲ୍‌କୋନିରୁ ଖସି ଆଇଆଇଟି ଛାତ୍ରଙ୍କ ମୃତ୍ୟୁ

**ଭୁବନେଶ୍ୱର,(ବ୍ୟୁରୋ)/ ଜଟଣୀ, ୨୨।୧୦ (ଡି.ଏନ୍.ଏ.)**

### ର୍‍ୟାଗିଂ ସନ୍ଦେହ

■ ଆତ୍ମହତ୍ୟାକୁ ଅସ୍ୱୀକାର କଲେ ବାପା
■ ଯୋଜନାବଦ୍ଧ ହତ୍ୟା ଅଭିଯୋଗ ଆଣିଲେ



ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅରଗୁଳସ୍ଥିତ ଆଇଆଇଟି ପରିସରରେ ଥିବା ହଷ୍ଟେଲର ୪ ମହଲା ବାଲ୍‌କୋନିରୁ ଖସି ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ ମହାରାଷ୍ଟ୍ର ପୁଣେର ପସ୍‌ନସୁ ରୋଡ୍ ଅଞ୍ଚଳର ଚିରାଗ ପ୍ରବୀଣ ଜୈନ(୧୮)। ସେ କମ୍ପ୍ୟୁଟର ସାଇନ୍ସର ଦ୍ୱିତୀୟବର୍ଷ ଛାତ୍ର ଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଏମ୍ସକୁ ପଠାଇଦେଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା(ନଂ.୬୦/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଚିରାଗ ମେଧାବୀ ଛାତ୍ର ଥିଲେ ବୋଲି ତାଙ୍କ ସହପାଠୀ କହିଛନ୍ତି। ସେ ୭ ମହଲା ବିଶିଷ୍ଟ ମହାନଦୀ ହଷ୍ଟେଲର ଦ୍ୱିତୀୟ ମହଲାରେ ରହୁଥିଲେ। ସୋମବାର ରାତି ପ୍ରାୟ ୧୦ଟାରେ ହଷ୍ଟେଲର ବାଲ୍‌କୋନିରୁ କେହି ଖସି ପଡ଼ିଥିବା ଶୁଣି କେତେଜଣ ଛାତ୍ର ତଳକୁ ଦୌଡ଼ି ଥିଲେ। ଚିରାଗ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୁହଁମାଡି ତଳେ ପଡିଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସେ ୨ ମହଲାରେ ରହୁଥିବାବେଳେ ୪ ମହଲାରୁ କିପରି ତଳକୁ ଖସି ପଡ଼ିଲେ ତାହାକୁ ନେଇ ନାନା ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ଚିରାଗଙ୍କ ଏଭଳି ମୃତ୍ୟୁକୁ ନେଇ ପରିବାର ଲୋକେ ସନ୍ଦେହ ପ୍ରକଟ କରିଛନ୍ତି। ବାପା ପ୍ରବୀଣ ଜୈନ ଆତ୍ମହତ୍ୟା ସୂଚନାକୁ ଏଡାଇଯିବା ସହ ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି,ତାଙ୍କ ପୁଅ ଭଲ ପାଠ ପଢୁଥିଲା। ଅନ୍ୟମାନେ ଈର୍ଷାନ୍ୱିତ ହୋଇ ପୁଅକୁ ବାଲ୍‌କୋନିରୁ ଠେଲି ହତ୍ୟା କରିଛନ୍ତି। ଏପରି କି ପୁଅକୁ ହଷ୍ଟେଲରେ ରାଗିଂ କରାଯାଇଥିବା ନେଇ ମଧ ଅଭିଯୋଗ ଆଣି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି।

ଏନେଇ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ଆଇଆଇଟିରେ ଜଣେ ଛାତ୍ର ହଷ୍ଟେଲ ଛାତରୁ ଡେଇଁ ଆତ୍ମହତ୍ୟା କରିଥିବା କୁହାଯାଉଛି। ସେ କିଭଳି ଓ କାହିଁକି ଏପରି କଲେ ନା ତାଙ୍କୁ ହତ୍ୟା କରାଯାଇଛି ତାହାର ତଦନ୍ତ କରାଯାଉଛି।

### ବୀରଗୋବିନ୍ଦପୁର ଛକରେ ଦୁର୍ଘଟଣା

## ଓଲଟିଲା ବସ୍ : ଜଣେ ମୃତ, ୨୦ ଆହତ

**ସାକ୍ଷୀଗୋପାଳ, ୨୨।୧୦(ଡି.ଏନ୍.ଏ./ସ୍ୱ.ପ୍ର.)**



ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ସାକ୍ଷୀଗୋପାଳ ନିକଟବର୍ତ୍ତୀ ବୀରଗୋବିନ୍ଦପୁର ଛକରେ ମଙ୍ଗଳବାର ପୂର୍ବାହ୍ନରେ ଏକ ବସ୍ ବାଇକକୁ ଧକ୍କା ଦେଇଛି। ଏଥିରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ ଯାତ୍ରୀ ଆହତ ହୋଇଛନ୍ତି। ମୃତ ବାଇକ ଚାଳକ ହେଲେ ଖଣ୍ଡଗିରି ଥାନା ଘାଟିକିଆର ଶୁକଦେବ ସାହୁ(୫୮)। ଗୁରୁତରମାନଙ୍କୁ ପ୍ରଥମେ ସାକ୍ଷୀଗୋପାଳ ହସ୍ପିଟାଲ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

ସୂଚନାଯୋଗ୍ୟ, ଶୁକଦେବ ତାଙ୍କ ପୁଅର ବାହାଘର ନିମନ୍ତେ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରିବାକୁ ବାଇକ (ଓଡି ୩୩ କ୍ୟୁ- ୯୩୧୨) ଯୋଗେ ପୁରୀ ଯାଇଥିଲେ। ତେବେ ମଙ୍ଗଳବାର ପୁରୀରୁ ଫେରୁଥିବାବେଳେ ବୀରଗୋବିନ୍ଦପୁର ଛକରେ ଶ୍ରୀଦୁର୍ଗା ବସ୍ (ଓଆର୧୩ବି-୦୪୦୫)କୁ ଓଭରଟେକ୍ କରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ଭାରସାମ୍ୟ ହରାଇ ବସ୍‌ଟି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଶୁକଦେବଙ୍କୁ ସ୍ଥାନୀୟ ଲୋକେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସତ୍ୟବାଦୀ ପୋଲିସ ଘଟଣାସ୍ଥଳରୁ ବାଇକ୍ ଜବତ କରିଛି। ଏନେଇ ସତ୍ୟବାଦୀ ଥାନାରେ ୨୦୩/୧୯ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ନୂଆ ବିମାନ ସେବା ପାଇଁ ବୁକିଂ ଆରମ୍ଭ କଲା ଏୟାର ଏସିଆ

**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)**

ଏୟାର ଏସିଆ ଭୁବନେଶ୍ୱରରୁ ବେଙ୍ଗାଲୁରୁ, କଲିକତା ଓ ହାଇଦ୍ରାବାଦକୁ ନୂଆ ବିମାନ ଉଡ଼ାଇବ। ଆସନ୍ତା ନଭେମ୍ବର ୧୫ରୁ ଆରମ୍ଭ ହେବାକୁ ଥିବା ଏହି ସେବା ପାଇଁ ବୁକିଂ ଆରମ୍ଭ ହୋଇଛି। ଦୈନିକ ବେଙ୍ଗାଲୁରୁକୁ ୩, କଲିକତାକୁ ୨ ଓ ହାଇଦ୍ରାବାଦକୁ ଗୋଟିଏ ନୂଆ ବିମାନ ଉଡ଼ାଣ କରିବ। ସେହିଭଳି ଆସନ୍ତା ୨୮ତାରିଖ ମଧ୍ୟରେ ଭୁବନେଶ୍ୱରରୁ ଆଉକିଛି ନୂଆ ବିମାନ ଉଡାଣ କରିବା ପାଇଁ ଏୟାର ଏସିଆ ଚିନ୍ତା କରୁଥିବା ସୂଚନା ମିଳିଛି।

## ଗୁଗଲ୍ ମ୍ୟାପରେ ଟ୍ୟାଗ୍ ହେବ ଆର୍‌ଟିଓ

**କଟକ ଅଫିସ, ୨୨।୧୦**

ଗୁଗଲ୍ ମ୍ୟାପ୍‌ରେ ଟ୍ୟାଗ୍ ହେବ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ) ସହିତ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍ ଓ ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ (ପିୟୁସି) କେନ୍ଦ୍ର। ରାଜ୍ୟ ପରିବହନ ଆୟୁକ୍ତଙ୍କ ପକ୍ଷରୁ ମଙ୍ଗଳବାର ଏ ନେଇ ସମସ୍ତ ଆର୍‌ଟିଓଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିରେ କୁହାଯାଇଛି, ଆର୍‌ଟିଓଗୁଡ଼ିକ ଅନେକ ନାଗରିକ କୈନ୍ଦ୍ରିକ ସେବା ଯୋଗାଉଛି। ମାତ୍ର ଲୋକେ ଆର୍‌ଟିଓ ଅଫିସ ସହିତ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍‌କୁ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ସ୍ଥାନଗୁଡ଼ିକୁ ଆର୍‌ଟିଓ ଅଫିସର ଗୁଗଲ୍ ମ୍ୟାପ୍‌ରେ ଟ୍ୟାଗ୍ କରିବାକୁ କୁହାଯାଇଛି। ସେହିପରି ପ୍ରଦୂଷଣ ପ୍ରମାଣପତ୍ର ପାଇଁ ମଧ ଲୋକେ ଅସୁବିଧା ଭୋଗୁଥିବାରୁ ଏହି କେନ୍ଦ୍ରଗୁଡ଼ିକର ଅବସ୍ଥିତି ସମ୍ପର୍କରେ ଗୁଗଲ୍ ମ୍ୟାପ୍‌ରେ ସ୍ଥାନ ଦେବାକୁ ଆୟୁକ୍ତଙ୍କ ପକ୍ଷରୁ କୁହାଯାଇଛି।

### ଚୋରା ପଥର ଚାଲାଣରେ ପୋଲିସ ଲିଙ୍କ୍

## ହୋମ୍‌ଗାର୍ଡଙ୍କୁ ଗିରଫ କଲା ଏସ୍‌ଟିଏଫ୍

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ଖୋର୍ଦ୍ଧା ବେଆଇନ ପଥର ଖଣି ଖନନ ମାମଲାରେ ଅନେକ ପ୍ରଶାସନିକ ଅଧିକାରୀ ଓ ପୋଲିସ ସମ୍ପୃକ୍ତ ଅଛନ୍ତି। ଗିରଫ ହୋଇଥିବା କେତେଜଣଙ୍କ ବୟାନ ଆଧାରରେ ତାଲିକା ପ୍ରସ୍ତୁତ କରିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ପୂର୍ବରୁ ଖୋର୍ଦ୍ଧା ଜିଲାର ଜଣେ ଇନ୍ସପେକ୍ଟର ଓ ଜଣେ ପ୍ରଶାସନିକ ଅଧିକାରୀଙ୍କୁ ପଚରାଉଚରା କରି ଚୁପ୍ ବସିଥିବା ଏସ୍‌ଟିଏଫ୍ ହଠାତ୍ ପୋଲିସ ବିଭାଗର ଜଣେ ତଳିଆ କର୍ମଚାରୀଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଥାନାରେ କାର୍ଯ୍ୟରତ ହୋମ୍‌ଗାର୍ଡ ତଥା ନଳିପଡ଼ା ଗ୍ରାମର ଚିତ୍ତରଞ୍ଜନ ବଡ଼ଜେନା (୩୮)। ଏସ୍‌ଟିଏଫ୍ ଆଇପିସି ଦଫା ୩୭୯, ୪୧୧, ୪୬୭, ୪୬୮, ୪୭୧, ୧୨୦(ବି), ୩୪ ଆଇପିସି ଓ ୨୫/୨୭ ଆର୍ମ ଆକ୍ଟ ଅନୁଯାୟୀ ମାମଲା (ନଂ.୭/୧୯) ରୁଜୁ କରି ଅଭିଯୁକ୍ତ ଚିତ୍ତରଞ୍ଜନଙ୍କୁ କୋର୍ଟଚାଲାଣ କରିଛି। ଏସ୍‌ଟିଏଫ୍‌ର ସୂଚନାନୁଯାୟୀ, ଚିତ୍ତରଞ୍ଜନ ଖୋର୍ଦ୍ଧା ଥାନାରେ ୭ ବର୍ଷରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟ କରୁଛନ୍ତି। ପଥର ଖଣି ମାଫିଆଙ୍କ ସହ ସମ୍ପର୍କ ରଖି ପୋଲିସର ଗତିବିଧି ଓ ଯୋଜନା ସମ୍ପର୍କରେ ଆଗୁଆ ସୂଚନା ଦେଉଥିଲେ। ଏପରି କି ହାତଗୁଞ୍ଜା ନେଇ ଖଣିରୁ ପଥର ନେଇ ଯାଉଥିବା ଗାଡ଼ିକୁ ଏସ୍କର୍ଟ ଦେଇଥାନ୍ତି।

### ଜମାକାରୀଙ୍କଠାରୁ ୫ କୋଟିରୁ ଊର୍ଦ୍ଧ୍ୱ ଠକେଇ

## ଦିଲ୍ଲୀରୁ ଗିରଫ ହେଲେ ଇଣ୍ଟର ଓସେନ ନିର୍ଦ୍ଦେଶକ

**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)**

ଆକର୍ଷଣୀୟ ସ୍କିମ ଜରିଆରେ ଜମାକାରୀଙ୍କଠାରୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଅର୍ଥ ଲଗାଣକାରୀ ସଂସ୍ଥା ଇଣ୍ଟର ଓସେନ ବିଦେଶ ଲିମିଟେଡ୍‌ର ନିର୍ଦ୍ଦେଶକଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ନୂଆଗାଁ ଥାନା ଖରିଆଗଡ଼ ଗ୍ରାମର ମନୋରଞ୍ଜନ ରାୟ। ଗତ ରବିବାର ନୂଆଦିଲ୍ଲୀ ସଫଦରଗଞ୍ଜ ଏନ୍‌କ୍ଲେଭ ଥାନା ଅନ୍ତର୍ଗତ ୟୁସୁଫ୍‌ସରାଇସ୍ଥିତ ବାସଭବନରେ ଇଓଡବ୍ଲୁ ଟିମ୍ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ସୋମବାର ତାଙ୍କୁ ସାଉଥ୍ ଦିଲ୍ଲୀସ୍ଥିତ ସଙ୍କେତ କୋର୍ଟରେ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରି ଟ୍ରାଞ୍ଜିଟ ରିମାଣ୍ଡରେ ଓଡିଶା ଆଣିଥିଲା। ମଙ୍ଗଳବାର ମନୋରଞ୍ଜନଙ୍କୁ ପଚରା ଉଚରା ପରେ ମାମଲା ନଂ.୮/୨୨ରେ ତାଙ୍କୁ କଟକ ଓପିଆଇଡି କୋର୍ଟରେ ହାଜର କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇଦିଆଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ଆଲୋକ



ଚିରଞ୍ଜୀବୀ



ସୂର୍ଯ୍ୟପ୍ରକାଶ



ଲକି



ସତ୍ୟ



କୀର୍ତ୍ତିମୟୀ



ସସ୍ମିତା



ଶ୍ରୀକାନ୍ତ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ପୁରୁଣା ଗାଡ଼ି ରଦ୍ଦ ପାଇଁ କେନ୍ଦ୍ର ସରକାରଙ୍କ ନୂଆ ଚିଠା ପ୍ରସ୍ତାବ

**କଟକ ଅଫିସ, ୨୨।୧୦**

କେନ୍ଦ୍ର ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଲାଗୁ କରାଯାଇଥିବା ନୂଆ ମୋଟରଯାନ ଆଇନରେ ପୁରୁଣା ଗାଡ଼ି ରଦ୍ଦ ପାଇଁ ନୂଆ ଚିଠା ପ୍ରସ୍ତାବ ଆଗତ ହୋଇଛି। ଉକ୍ତ ପ୍ରସ୍ତାବକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ସରକାରଙ୍କ ନିକଟକୁ ପଠାଇଛନ୍ତି। ରାଜ୍ୟ ସରକାରମାନଙ୍କ ମତାମତକୁ ଆଧାର କରି ଏହା ଉପରେ ନିଷ୍ପତ୍ତି ଗ୍ରହଣ କରାଯିବ। ମୋଟାମୋଟି ଭାବେ ଡିସେମ୍ବର ପହିଲା ସୁଦ୍ଧା ଏହି ଚିଠା ପ୍ରସ୍ତାବକୁ କେନ୍ଦ୍ର କାର୍ଯ୍ୟକାରୀ କରିବ ବୋଲି ପରିବହନ ବିଭାଗର ଜଣେ ଅଧିକାରୀ କହିଛନ୍ତି। ସୂଚନାଥାଉ କି, ସଂଶୋଧିତ ମୋଟରଯାନର ଧାରା ୪୧ ଓ ଉପଧାରା ୧୦ରେ ଏକ ପ୍ରାବଧାନ ରହିଛି। ଏହି ପ୍ରାବଧାନ ଅନୁଯାୟୀ କେଉଁ ଗାଡ଼ିର ଆୟୁଷ କେତେ ରହିବ ତାହା କେବଳ କେନ୍ଦ୍ର ସରକାର ସ୍ଥିର କରିବେ। ଏଥିପାଇଁ କେନ୍ଦ୍ର ସରକାର ଉକ୍ତ ଧାରାକୁ ଆଧାର କରି ଭେଇକିଲ ସ୍କ୍ରାପିଂ ପଲିସି ଆଗତ କରିଛନ୍ତି। ଏହି ପଲିସି ଅନୁଯାୟୀ ଯଦି ଗୋଟିଏ ଗାଡ଼ିର ଆୟୁଷ ୧୫ ବର୍ଷ ସ୍ଥିର କରାଯାଏ, ତେବେ ୧୫ ବର୍ଷ ପରେ ଗାଡ଼ିଟି ଚଳାଚଳ ଅନୁପଯୋଗୀ ହେବା ସହିତ ଅକାମୀ ହୋଇପଡ଼ିବ। ମାତ୍ର ଭେଇକିଲ ସ୍କ୍ରାପିଂ ପଲିସି ଅନୁଯାୟୀ ଉକ୍ତ ଗାଡ଼ିଗୁଡ଼ିକ ନିମନ୍ତେ ନୂଆ ବ୍ୟବସ୍ଥା କରାଯାଇଛି। ଏହି ଅନୁଯାୟୀ ରାଜ୍ୟ ସରକାର ନିଜ ରାଜ୍ୟରେ ସ୍କ୍ରାପ ଡିସ୍‌ପୋଜାଲ ସେଣ୍ଟର ନିର୍ମାଣ କରିବେ। ଏହି ସେଣ୍ଟରଗୁଡ଼ିକୁ ରାଜ୍ୟ ସରକାର ଲାଇସେନ୍ସ ପ୍ରଦାନ କରିବେ। କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମ ଅନୁଯାୟୀ ଏହି ସ୍କ୍ରାପ ଡିସ୍‌ପୋଜାଲ୍ ସେଣ୍ଟରଗୁଡ଼ିକ କାର୍ଯ୍ୟ କରିବ। ଅର୍ଥାତ୍

## ବିଭିନ୍ନ ରାଜ୍ୟରୁ ଲୋଡ଼ାଗଲା ମତାମତ

ଏହି ସେଣ୍ଟର କାର୍ଯ୍ୟକାରୀ ହେବା ଦ୍ୱାରା ଯେଭଳି ପରିବେଶ ଉପରେ ଏହାର କୌଣସି କୁପ୍ରଭାବ ନ ପଡ଼େ, ସେଥିପ୍ରତି ଧ୍ୟାନ ଦିଆଯିବ। ସ୍କ୍ରାପ ଡିସ୍‌ପୋଜାଲ ସେଣ୍ଟରରେ ଗାଡ଼ିକୁ ଓଜନ କରାଯିବ। ଗାଡ଼ିରେ କେତେ ଓଜନର ଲୁହା, ଆଲୁମିନିୟମ ଓ ସିସା ଆଦି ଧାତୁ ଭରି ରହିଛି, ତାହାର ପୃଥକୀକରଣ କରାଯିବ। ପରେ ବଜାର ଦର ଅନୁଯାୟୀ ଏହାର ମୂଲ୍ୟ ନିର୍ଦ୍ଧାରଣ କରାଯିବ। ଏହାପରେ ସ୍କ୍ରାପ ଡିସ୍‌ପୋଜାଲ ସେଣ୍ଟର ପକ୍ଷରୁ ଗାଡ଼ି ମାଲିକଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ଟ୍ରାନ୍ସଫର କରାଯିବ। ଟଙ୍କା ଟ୍ରାନ୍ସଫର କରାଯିବା ପରେ ଡିସ୍‌ପୋଜାଲ ସେଣ୍ଟର ପକ୍ଷରୁ ଗାଡ଼ି ମାଲିକଙ୍କୁ ଏକ ଭେହିକିଲ ଡିସ୍‌ପୋଜାଲ ସାର୍ଟିଫିକେଟ ଦିଆଯିବ। ପ୍ରଥମେ ଗାଡ଼ିଟିର ଆୟୁଷ ଶେଷ ହୋଇଯାଇଥିବା ନେଇ ସ୍ଥାନୀୟ ଆଞ୍ଚଳିକ ପରିବହନ ଅଧିକାରୀ ଗାଡ଼ି ମାଲିକଙ୍କୁ ଏକ ପ୍ରମାଣପତ୍ର ଦେଇଥିବେ। ଦ୍ୱିତୀୟରେ ଡିସ୍‌ପୋଜାଲ୍ ସେଣ୍ଟର ପକ୍ଷରୁ ଦିଆଯାଇଥିବା ପ୍ରମାଣପତ୍ରକୁ ଧରି ଗାଡ଼ି ମାଲିକ ଡିଲର ପାଖରେ ପହଞ୍ଚିବେ। ଦୁଇଟି ସାର୍ଟିଫିକେଟକୁ ଦେଖିବା ପରେ ଗାଡ଼ି ମାଲିକଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ରିହାତି ମୂଲ୍ୟରେ ଗାଡ଼ି ଯୋଗାଇ ଦିଆଯିବ। ତେବେ ଏହି ରିହାତି କେତେ ପ୍ରତିଶତ ହେବ ତାହା ରାଜ୍ୟମାନଙ୍କଠାରୁ ମତାମତ ଲୋଡାଯିବା ପରେ ସ୍ଥିର କରାଯିବ ବୋଲି ସମ୍ପୃକ୍ତ ଅଧିକାରୀ କହିଛନ୍ତି।











For Franchisee Enquiry:- Call +91 7077721612. * For Trade Enquiries, Call +91 7077721602 * For Clean Home Products Trade Enquiries, Call +91 9073909475

Prestige Xclusive

